بسم الله الرحمن الرحيم

**ଖୁତବା ଜୁମା ୧୭ ଏପ୍ରିଲ୍ ୨୦୨୦ର ସାରାଂଶ**

**ସ୍ଥାନ-ମସ୍‌ଜିଦ୍ ମୁବାରକ, ଇସଲାମାବାଦ୍, ଟେଲଫୋର୍ଡ୍**

***ଆଁହଜ଼ରତ୍ ସ.ଅଙ୍କ ସର୍ବୋଚ୍ଚ ତଥା ପଦମର୍ଯ୍ୟାଦା ସମ୍ପନ୍ନ ବଦରୀ ସାହାବି ହଜ଼ରତ୍ ମୁଆଜ଼୍ ବିନ୍ ହାରିସ୍ ର.ଅଙ୍କ ପ୍ରଶଂସନୀୟ ଗୁଣାବଳୀର ବିଶ୍ୱାସବର୍ଦ୍ଧକ ଏବଂ ମନମୁଗ୍ଧକର ଚର୍ଚ୍ଚା।***

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି ଅନ୍ତେ ହୁଜୁର ଅନୱର ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜ଼ିଜ୍ କହିଲେ : ଆଜି ବଦରି ସାହାବାଙ୍କ ମଧ୍ୟରୁ ମୁଁ ହଜ଼ରତ ମୁଆଜ଼୍ ବିନ୍ ହାରିସ୍ ର.ଅଙ୍କ ସଂପର୍କରେ ଚର୍ଚ୍ଚା କରିବି । ତାଙ୍କ ପିତାଙ୍କ ନାମ ହାରିସ୍ ବିନ୍ ରିଫାଅ ଓ ମାତାଙ୍କ ନାମ ଇଫ୍ରା ବିନତ୍ ଅବିଦ୍ ଥିଲା। ହଜ଼ରତ ମୁଆଜ଼୍ ଓ ତାଙ୍କର ଦୁଇ ଭାଇ ହଜ଼ରତ ଔଫ୍ ଓ ହଜ଼ରତ ମୁଅୱଜ଼୍ ବଦର୍ ଯୁଦ୍ଧରେ ସାମିଲ୍ ଥିଲେ । ହଜ଼ରତ ଔଫ୍ ଓ ହଜ଼ରତ ମୁଅୱଜ଼୍ ଉଭୟେ ବଦର୍ ଯୁଦ୍ଧରେ ବୀରଗତି ପ୍ରାପ୍ତ କରିଥିଲେ । କିନ୍ତୁ ହଜ଼ରତ ମୁଆଜ଼୍ ଅନ୍ୟ ସମସ୍ତ ଯୁଦ୍ଧରେ ହୁଜୁର ସ.ଅଙ୍କ ସହିତ ସାମିଲ୍ ଥିଲେ । ହଜ଼ରତ ମୁଆଜ଼୍ ସେହି ୮ ଜଣ ଅନସାରମାନଙ୍କ ମଧ୍ୟରେ ସାମିଲ୍ ଥିଲେ ଯେଉଁମାନେ ଆଁହଜ଼ରତ ସ.ଅଙ୍କ ଉପରେ ବୈଅତେ ଅକ୍‌ବା ଉଲା ଅବସରରେ ମକ୍କା ଠାରେ ବିଶ୍ୱାସ ଆଣିଥିଲେ । ହଜ଼ରତ ମୁଆଜ଼୍ ବୈଅତେ ଅକ୍‌ବା ସାନିୟାରେ ମଧ୍ୟ ଉପସ୍ଥିତ ଥିଲେ ।

ହୁଜୁର ଅନୱର ଅ.ବ କହିଲେ: ସାଲେହ୍ ବିନ୍ ଇବ୍ରାହିମ୍ ନିଜର ଜେଜେବାପା (ଦଦା) ହଜ଼ରତ ଅବଦୁର୍ ରହେମାନ ବିନ୍ ଔଫଙ୍କ ଠାରୁ ବର୍ଣ୍ଣନା କରନ୍ତି ଯେ, ସେ କହିଲେ ମୁଁ ବଦର ଯୁଦ୍ଧରେ ଧାଡ଼ିରେ ଛିଡ଼ା ହୋଇଥିଲି, ଯେତେବେଳେ ମୁଁ ନିଜର ଡ଼ାହାଣ ଓ ବାମ ପାର୍ଶ୍ୱକୁ ଦୃଷ୍ଟିପାତ କଲି ସେତେବେଳେ ମୁଁ ଦେଖିଲି ଯେ, ଅନସାରର ଦୁଇ ଜଣ ବାଳକ ଛିଡ଼ା ହୋଇଛନ୍ତି ଯାହାଙ୍କର ବୟସ ଖୁବ୍ କମ୍ ଅଟେ । ମୁଁ ଏହି ଅଭିଳାଷ କଲି କି ମୁଁ ବି ଏପରି ବ୍ୟକ୍ତିମାନଙ୍କ ଗହଣରେ ଥାଆନ୍ତି ଯେଉଁମାନେ ଏମାନଙ୍କ ଅପେକ୍ଷା ଅଧିକ ବଳିଷ୍ଠ ଓ ଅଧିକ ଶକ୍ତିଶାଳୀ ହୋଇଥାନ୍ତି । ଠିକ୍ ସେତିକିବେଳେ ସେମାନଙ୍କ ମଧ୍ୟରୁ ଜଣେ ମୋ ହାତକୁ ଚିପି ପଚାରିଲା ଯେ, ଦାଦା (ଚଚା) ଆପଣ ଅବୁ ଜହଲକୁ ଚିହ୍ନିଛନ୍ତି କି ? ସେ କହିଲା କି ମୋତେ କୁହାଯାଇଛି ଯେ, ସେ ରସୁଲୁଲ୍ଲାଃ ସ.ଅଙ୍କୁ ମକ୍କାରେ ଗାଳି ଗୁଲଚ କରୁଥିଲା । ଯଦି ମୁଁ ଏପରି ବ୍ୟକ୍ତିକୁ ପାଇଲି ତେବେ ମୋ ଆଖି ତା ଆଖିଠାରୁ ସେପର୍ଯ୍ୟନ୍ତ ପୃଥକ ହେବ ନାହିଁ ଯେଉଁପର୍ଯ୍ୟନ୍ତ ଆମ ଦୁହିଁଙ୍କ ମଧ୍ୟରୁ ସେହି ବ୍ୟକ୍ତି ପ୍ରଥମେ ନ ମରିଯାଇଛି ଯାହାର କାଳ ପୂର୍ବନିର୍ଦ୍ଧାରିତ ଅଟେ । ମୁଁ ଏହି କଥା ଶୁଣି ଆଶ୍ଚର୍ଯ୍ୟଚକିତ ହେଲି । ପୁନଶ୍ଚ ଦ୍ୱିତୀୟ ବାଳକଟି ମଧ୍ୟ ମୋର ହାତକୁ ଚିପିଲା ଏବଂ ସେ ମଧ୍ୟ ମୋତେ ସମାନ କଥା ପଚାରିଲା । ବର୍ତ୍ତମାନ ଅଧିକ ସମୟ ବିତି ନଥିଲା କି ମୁଁ ଅବୁ ଜହଲକୁ ନିଜ ସେନାର ପରିକ୍ରମା କରୁଥିବାର ଦେଖିବାକୁ ପାଇଲି । ତେଣୁ ମୁଁ ସେହି ବ୍ୟକ୍ତିକୁ କହିଲି ହେଇ ଦେଖ ସେହି ବ୍ୟକ୍ତି ଯାହା ସଂପର୍କରେ ତୁମେ ମୋତେ ପଚାରୁଥିଲ । ଏହି କଥା ଶୁଣିବା ମାତ୍ରେ ସେହି ଦୁଇ ଯୁବକ ଆଖି ପିଛୁଳାକେ ଦ୍ରୁତ ବେଗରେ ନିଜର ଖଡ୍‌ଗ ଉତ୍ତୋଳନ କରି ତା' ଆଡ଼କୁ ଧାଇଁଲେ ଏବଂ ତାକୁ ଏଭଳି ନିର୍ମମ ଭାବରେ ମାରିଲେ କି ତାକୁ ଜୀବନରୁ ହିଁ ମାରିଦେଲେ ଅର୍ଥାତ ତା'ର ପ୍ରାଣବାୟୁ ଉଡ଼ିଗଲା ଏବଂ ପୁନଶ୍ଚ ସେମାନେ ରସୁଲୁଲ୍ଲାଃ ସ.ଅଙ୍କ ପାଖକୁ ଆସିଲେ ଏବଂ ଆପଣଙ୍କୁ ଉକ୍ତ ଘଟଣାର ସୂଚନା ପ୍ରଦାନ କଲେ । ହୁଜୁର ସ.ଅ ସେମାନଙ୍କୁ ପଚାରିଲେ

ଯେ, ତୁମମାନଙ୍କ ମଧ୍ୟରୁ କିଏ ତାକୁ (ଅର୍ଥାତ ଅବୁ ଜହଲକୁ) ବଧ କରିଛି । ଦୁହେଁ କହିଲେ ମୁଁ ତାକୁ ବଧ କରିଛି । ଆଁହଜ଼ରତ ସ.ଅ ପଚାରିଲେ ଯେ, କ'ଣ ତୁମେମାନେ ନିଜର ଖଡ୍‌ଗ ପୋଛି ସଫା କରିଦେଇଛ ? ସେମାନେ ଉତ୍ତର ଦେଲେ ନାହିଁ । ହୁଜୁର ସ.ଅ ଖଡ୍‌ଗ ନିରୀକ୍ଷଣ କରିବା ପରେ କହିଲେ କି ଆଚ୍ଛା ତାହାହେଲେ ତୁମେ ଦୁହେଁ ହିଁ ତାର ବଧ କରିଛ ।

ହଜ଼ରତ ଖଲିଫତୁଲ୍ ମସିହ୍ ସାନି ର.ଅ ଉକ୍ତ ଘଟଣା ସଂପର୍କରେ ବର୍ଣ୍ଣନା କରନ୍ତି ଯେ, ଅବୁ ଜହଲ୍ ସେହି ବ୍ୟକ୍ତି ଯାହାର ଜନ୍ମଗ୍ରହଣ ସମୟରେ ସପ୍ତାହ ଧରି ଓଟ ଜେବହ୍ କରି ଲୋକମାନଙ୍କ ମଧ୍ୟରେ ମାଂସ ବଣ୍ଟା ଯାଇଥିଲା, ଯାହାର ଜନ୍ମ ସମୟରେ ମକ୍କାର ଚତୁର୍ପାର୍ଶ୍ୱ ଢୋଲ ମହୁରୀ ଶବ୍ଦରେ ପ୍ରକମ୍ପିତ ହୋଇଥିଲା, ବଦର୍ ଯୁଦ୍ଧରେ ଏଭଳି ପ୍ରଭାବଶାଳୀ ବ୍ୟକ୍ତିକୁ ସ୍ୱଳ୍ପ ବର୍ଷୀୟ ଦୁଇ ଜଣ ଅନସାରୀ ବାଳକ ହିଁ ଥିଲେ, ଯେଉଁମାନେ ତାକୁ କ୍ଷତାକ୍ତ କରି ତା'ର ବଧ କରିଥିଲେ । ହଜ଼ରତ ଅବଦୁଲ୍ଲାଃ ଇବ୍ନେ ମସଉଦ୍ ର.ଅ କହନ୍ତି କି ଯୁଦ୍ଧର ପରିସମାପ୍ତି ପରେ ଯେତେବେଳେ ଲୋକମାନ ପ୍ରତ୍ୟାବର୍ତ୍ତନ କରୁଥିଲେ ସେତେବେଳେ ମୁଁ ଯୁଦ୍ଧଭୂମିରେ କ୍ଷତାକ୍ତ ମାନଙ୍କୁ ଦେଖାବିକୁ (ଚାଲି) ଗଲି । ମୁଁ ଯୁଦ୍ଧଭୂମିରେ ଭ୍ରମଣ କରୁଥିଲି କି, କ'ଣ ଦେଖିଲି ଯେ, ଅବୁ ଜହଲ୍ କ୍ଷତାକ୍ତ ଓ ରକ୍ତାକ ହୋଇ ଭୂମିରେ ପଡ଼ି ରହିଛି ଏବଂ ଗଭୀର ଯନ୍ତ୍ରଣାରେ ଛଟପଟ ହେଉଛି । ଯେତେବେଳେ ମୁଁ ତା' ନିକଟରେ ପହଞ୍ଚିଲି ସେତେବେଳେ ସେ ମୋତେ ସମ୍ବୋନ୍ଧିତ କରି କହିଲା କି ମୁଁ ଆଉ ବଞ୍ଚିବି ନାହିଁ । ତୁମେ ବି ମକ୍କାବାସୀ ଅଟ ତେଣୁ ମୁଁ ତୁମ ଠାରୁ ଏହା ଆଶା କରେ କି ତୁମେ ମୋତେ ମାରି ଦିଅ । ଯଦ୍ୱାରା ମୋର ଏହି ଯନ୍ତ୍ରଣା ଦୂର ହୋଇଯିବ । କାରଣ ତୁମେ ତ' ଜାଣ ଯେ, ମୁଁ ଆରବର ଜଣେ ନେତା ଏବଂ ଆରବରେ ଏହି ରୀତି ପ୍ରଚଳିତ ଯେ, ଜାତିର ନେତାମାନଙ୍କର ବେକକୁ ଦୀର୍ଘ କରି କଟା ଯାଇଥାଏ ଏବଂ ତାହା ମୃତକର ସରଦାର ହେବାର ଦୃଷ୍ଟାନ୍ତ ହୋଇଥାଏ । ତେଣୁ ମୋର ଏହି ଶେଷ (ଅନ୍ତିମ) ଅଭିଳାଷା ରହିଛି ଯେ, ତୁମେ ମୋର ବେକକୁ ଟିକିଏ ଦୀର୍ଘ କରି କାଟିବ । ହଜ଼ରତ ଅବଦୁଲ୍ଲାଃ ଇବ୍ନେ ମସଉଦ୍ ର.ଅ ର.ଅ କହନ୍ତି ଯେ, ମୁଁ ତା'ର ବେକକୁ ଥୋଡ଼ିର ପାଖରୁ କାଟିଲି ଏବଂ କହିଲି ତୋର ଏହି ଶେଷ ଇଚ୍ଛା ମଧ୍ୟ ମୁଁ ପୂରଣ କରିବି ନାହିଁ । ସୁତରାଂ ବର୍ତ୍ତମାନ କ୍ରମପରିଣତିକୁ ଦେଖିଲେ ଏହା ଅନୁମିତ ହୁଏ ଯେ, ଅବୁ ଜହଲର ବଧ କେତେ ଦୟନୀୟ ଓ ତିରସ୍କୃତାର ମୃତ୍ୟୁ ଥିଲା । ଯାହାର ବେକ (ଅର୍ଥାତ ମୁଣ୍ଡ) ନିଜ ଜୀବନକାଳ ମଧ୍ୟରେ ସର୍ବଦା ଉଚ୍ଚା ରହୁଥିଲା କିନ୍ତୁ ମୃତ୍ୟୁବେଳେ ତାହାର ବେକ ଛୋଟ ରଖି କଟା ଯାଇଥିଲା ଏବଂ ତାହାର ଏହି ଅନ୍ତିମ ଇଚ୍ଛା ମଧ୍ୟ ପୂରଣ ହୋଇପାରି ନଥିଲା ।

ଏକ କଥନ ଅନୁଯାୟୀ ହଜ଼ରତ ମୁଆଜ୍ ର.ଅ ବଦର୍ ଯୁଦ୍ଧରେ କ୍ଷତାକ୍ତ ହୋଇଥିଲେ ଏବଂ ମଦିନା ପ୍ରତ୍ୟାବର୍ତ୍ତନ ପରେ ସେହି କ୍ଷତ ଯୋଗୁଁ ତାଙ୍କର ଅକାଳ ବିୟୋଗ ହୋଇଥିଲା । ଅନ୍ୟ ଏକ କଥନ ଅନୁଯାୟୀ ସେ ହଜ଼ରତ ଉସମାନ୍ ର.ଅଙ୍କ ଖିଲାଫତ୍‌କାଳ ପର୍ଯ୍ୟନ୍ତ ଜୀବିତ ଥିଲେ । ସେହିପରି ଆଉ ଏକ ବର୍ଣ୍ଣନାନୁଯାୟୀ ସେ ହଜ଼ରତ ଅଲୀ ର.ଅଙ୍କ ଖିଲାଫତ୍‌କାଳ ପର୍ଯ୍ୟନ୍ତ ଜୀବିତ ଥିଲେ ଏବଂ ତାଙ୍କର ବିୟୋଗ ସଫିନ୍ ଯୁଦ୍ଧରେ ହୋଇଥିଲା । ସଫିନ୍ ଯୁଦ୍ଧ ୩୬ କିମ୍ବା ୩୭ ହିଜରୀରେ ହୋଇଥିଲା ଏବଂ ହଜ଼ରତ ମୁଆଜ୍ ହଜ଼ରତ ଅଲୀ ର.ଅଙ୍କ ପକ୍ଷରୁ ଯୁଦ୍ଧରେ ସାମିଲ୍ ହୋଇଥିଲେ ।

ହୁଜୁର ଅନୱର୍ ଅ.ବ କହିଲେ ବର୍ତ୍ତମାନ ମୁଁ ସ୍ୱର୍ଗତ ରାଣା ନଇମୁଦ୍ଦୀନ ସାହେବ୍, ପିତା- ସ୍ୱର୍ଗତ ଫିରୋଜୁଦ୍ଦୀନ୍ ମୁନଶୀ ସାହେବଙ୍କ ଚର୍ଚ୍ଚା କରିବି ଯାହାଙ୍କର ବିୟୋଗ ୨୦୨୦ ମସିହା ଏପ୍ରିଲ୍ ମାସ ୧୯ ତାରିଖ

ଦିନ ହୋଇଥିଲା । إِنَّا لِلّٰهِ وَإِنَّا إِلَيْهِ رَاجِعُوْنَ । ରାଣା ସେହେବ୍ ୧୯୩୪ ମସିହାରେ ଜନ୍ମଗ୍ରହଣ କରିଥିଲେ । ତାଙ୍କର ପିତା ସ୍ୱର୍ଗତ ଫିରୋଜୁଦ୍ଦୀନ୍ ସାହେବ୍ ୧୯୦୬ ମସିହାରେ ହଜ଼ରତ ମସିହ୍ ମଉଦ୍ ଅ.ସଙ୍କର ପତ୍ର ମାଧ୍ୟମରେ ବୈଅତ୍ କରିଥିଲେ । ତାଙ୍କ ପତ୍ନିଙ୍କ ନାମ ସାରା ପରୱିନ୍ ଥିଲା ଯିଏକି ହଜ଼ରତ ମସିହ୍ ମଉଦ୍ ଅ.ସଙ୍କ ସାହାବି ଶ୍ରୀଯୁକ୍ତ ଦୌଲତ୍ ଖାନ୍ ସାହେବଙ୍କର ପୌତ୍ରୀ ଥିଲେ । ୧୯୫୫ ମସିହା ନଭେମ୍ବର ମାସରୁ ୧୯୫୯ ମସିହା ମେ ମାସ ୧୧ ତାରିଖ ପର୍ଯ୍ୟନ୍ତ ବିଶିଷ୍ଟ ଅଙ୍ଗରକ୍ଷୀ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ । ଯେତେବେଳେ ହଜ଼ରତ ଖଲିଫତୁଲ୍ ମସିହ ସାନି ର.ଅ ତଫସିର୍ ଲେଖିବା କର୍ମରେ ନଖଲା ଯାଆଆସ୍ କରୁଥିଲେ ସେଠାରେ ସେ ଖିଲିଫା ସାନିଙ୍କ ସୁରକ୍ଷା ଦାୟିତ୍ୱରେ ନିୟୋଜିତ ଥିଲେ ଓ ଜେନେରେଟର୍ ରକ୍ଷଣାବେକ୍ଷଣର ଦାୟିତ୍ୱ ତାଙ୍କର ଅଧୀନରେ ଥିଲା । ସେ ୧୯୭୮ ମସିହାରେ ଅଙ୍ଗରକ୍ଷୀ ପଦବୀରୁ ଅବସର ଗ୍ରହଣ କିର ହିଡ଼ପା, ସାହିୱାଲ୍ ଜିଲ୍ଲାକୁ ଚାଲିଯାଇଥିଲେ । ଯେଉଁଠି ସେ ସାହିୱାଲ୍ ମସଜିଦର ସେବକ ରୂପେ ଦାୟିତ୍ୱ ନିର୍ବାହ କରିଥିଲେ । ସେହି ଅବଧି ମଧ୍ୟରେ ୧୯୮୪ ମସିହା ଅକ୍ଟୋବର ମାସରେ ଅହମଦିୟତ ବୈଅତୁଜ୍ ଜ଼ିକର୍ ସାହିୱାଲ୍ ଉପରେ ବିରୋଧୀମାନେ ଆକ୍ରମଣ କଲେ ସେତେବେଳେ ସେ ସୁରକ୍ଷା ଦାୟିତ୍ୱରେ ଥିବା ଯୋଗୁଁ ସେ ଏହାର ଦୃଢ ପ୍ରତିରୋଧ କରି ଜବାବ ଦେଇଥିଲେ । ତେବେ ଏହିପରି ଭାବେ ରାଣା ନଇମୁଦ୍ଦୀନ ସାହେବଙ୍କ ସମେତ ମୋଟ ୧୧ ଜଣ ବ୍ୟକ୍ତିଙ୍କ ବିରୁଦ୍ଧରେ ମାମଲା ରୁଜୁ ହୋଇଥିଲା । ଏହିପରି ଭାବରେ ରାଣା ସାହେବଙ୍କୁ ୧୯୮୪ ମସିହା ଅକ୍ଟୋବର ମାସ ୨୬ ତାରିଖ ଠାରୁ ନେଇ ୧୯୯୪ ମସିହା ମାର୍ଚ୍ଚ ମାସ ପର୍ଯ୍ୟନ୍ତ ଅଲ୍ଲାଃତାଲାଙ୍କ ମାର୍ଗରେ କାରାବରଣ ଭୋଗ କରିବାର ସୌଭାଗ୍ୟ ଅର୍ଜନ ହୋଇଥିଲା । ସ୍ୱତନ୍ତ୍ର ମିଲଟାରୀ କୋର୍ଟ ଇଲିୟାସ୍ ମୁନୀର ସାହେବ ମୁରବ୍ବୀ ସିଲସିଲା ଓ ରାଣା ନଇମୁଦ୍ଦୀନ୍ ସାହେବଙ୍କୁ ମୃତ୍ୟୁ ଦଣ୍ଡାଦେଶ ଶୁଣାଇଥିଲା । ଏହି ବିଚାର ବିରୁଦ୍ଧରେ ଲାହୋର ହାଇକୋର୍ଟରେ ଅପିଲ୍ କରିବାରୁ ଉକ୍ତ ନ୍ୟାୟାଳୟ ୧୯୯୪ ମସିହାରେ ତାଙ୍କୁ ସସମ୍ମାନ କାରାମୁକ୍ତର ଆଦେଶ ଦେଇଥିଲା । କାରବରଣ ଅବଧି ମଧ୍ୟରେ ପୋଲିସ ତରଫରୁ ଉଭୟଙ୍କ ଉପରେ ନାନା ପ୍ରକାର ଅତ୍ୟାଚାର ଓ ନିର୍ଯାତନା ଦିଆଯାଉଥିଲା ଏବଂ ଏମାନଙ୍କ ଠାରୁ ଅଧିକାରୀଙ୍କ ବିରୋଧରେ ବୟାନ୍ ନେବା ପାଇଁ ଆପ୍ରାଣ ଚେଷ୍ଟା କରାଯାଉଥିଲା । କାରଣ ପୋଲିସ୍ କହୁଥିଲା ଯେ, ତୁମେ ନିଜ ଖଲିଫାଙ୍କର ଅଙ୍ଗରକ୍ଷୀ ରହିଆସିଛ ଏଣୁ ସେ ତୁମକୁ ଏହି କାର୍ଯ୍ୟ କରିବା ପାଇଁ ଅର୍ଥାତ ମୁସଲମାନମାନଙ୍କୁ ଯାଇ ମାରିବା ପାଇଁ ପ୍ରେରଣ କରିଛନ୍ତି । ରାଣା ସାହେବ୍ ଉକ୍ତ ମକଦ୍ଦମାରୁ ମୁକୁଳିବା ପରେ ୧୯୯୪ ମସିହାରେ ଲଣ୍ଡନକୁ ସ୍ଥାନାନ୍ତର ହୋଇଥିଲେ ଏବଂ ଏଠାରେ ମଧ୍ୟ ନିଜର ବୟସାନୁଯାୟୀ ସୁରକ୍ଷା କର୍ମୀର ଡ଼ିୟୁଟି ସମ୍ପାଦନ କରିଥିଲେ । ମୃତକଙ୍କ ପରିଜନଙ୍କ ମଧ୍ୟରେ ଜଣେ ପୁତ୍ର ଓ ଚାରି ଜଣ ଝିଅ ଛାଡ଼ି ଯାଇଛନ୍ତି । ତାଙ୍କର ପୁତ୍ର ରାଣା ୱସିମ୍ ଅହମଦ ୱକ଼ଫେ ଜିନ୍ଦିଗୀ ଅଟନ୍ତି ଏବଂ ୟୁ.କେର ବ୍ୟକ୍ତିଗତ ସହାୟକ ଅର୍ଥାତ ପ୍ରାଇଭେଟ୍ ସେକ୍ରେଟାରୀ ଭାବେ କାର୍ଯ୍ୟ କରି ଆସୁଛନ୍ତି ଓ ସମସ୍ତ ଚାରି ଜଣ ପୁତ୍ରୀ ଲଣ୍ଡନରେ ଅଧିବାସ ଅଟନ୍ତି । ତାଙ୍କ ପୁତ୍ର ଲେଖନ୍ତି ଯେ, ଯେତେବେଳେ ମୋର ୱକ଼ଫ୍ ଗ୍ରହଣ କରାଗଲା ସେତେବେଳେ ମୋ ପିତା ମୋତେ କହିବାକୁ ଲାଗିଲେ କି ଏହି ଦାୟିତ୍ୱଟି (ଅର୍ଥାତ ୱକ଼ଫର) ଅତ୍ୟନ୍ତ ଗୁରୁ ଦାୟିତ୍ୱ ଅଟେ । ତେଣୁ ତୁମେ ସଦେବ ଇସ୍ତେଗଫାର୍ କରିବା ସଙ୍ଗେ ସଙ୍ଗେ ନିଜ ୱକ଼ଫର ଦାୟିତ୍ୱକୁ ସଠିକ୍ ରୂପେ ନିର୍ବାହ କରିବ । ଯଦି ତୁମକୁ କେହି କଷ୍ଟ ଦିଏ ତେବେ ତୁମ ନୀରବ ରହିବ ଏବଂ ଯୁକ୍ତି ତର୍କ କରିବ ନାହିଁ ଏବଂ ସମସ୍ତ କଥାକୁ ଅଲ୍ଲାଃତାଲାଙ୍କ

ଉପରେ ଛାଡ଼ିଦେବ । କାରଣ ଅଲ୍ଲାଃତାଲା ଧୈର୍ଯ୍ୟଧାରୀଙ୍କ ସହିତ ଥାଆନ୍ତି । ତାଙ୍କ ପୁତ୍ର କହନ୍ତି ଯେ, ମୋ ପିତାଙ୍କୁ ରବୱା ଠାରେ ହଜ଼ରତ ଅମ୍ମା ଜାନଙ୍କ ଜଗୁଆଳି ଭାବରେ ସେବା କରିବାର ମଧ୍ୟ ସୌଭାଗ୍ୟ ଅର୍ଜନ ହୋଇଥିଲା ।

ହୁଜ଼ୁର ଅନୱର ଅ.ବ କହିଲେ : ଏକ ପତ୍ରରେ ହଜ଼ରତ ଖଲିଫତୁଲ୍ ମସିହ୍ ରାବେ ର.ଅ ରାଣା ନଇମୁଦ୍ଦୀନ୍ ସାହେବଙ୍କୁ ଲେଖିଥିଲେ ଯେ, ଆପଣ ବିଶ୍ୱାସର ଯେଉଁ ସର୍ବୋଚ୍ଚ ସ୍ଥାନରେ ଛିଡ଼ା ହୋଇଛନ୍ତି ତାହା ପାଇଁ ଆମେ ଗର୍ବିତ । ଈଶ୍ୱରଙ୍କ ଭକ୍ତଙ୍କୁ ସର୍ବୋଚ୍ଚ ମର୍ଯ୍ୟାଦା ପ୍ରାପ୍ତ କରିବା ପୂର୍ବରୁ ଏହିଭଳି ଦୁଃଖ ଯନ୍ତ୍ରଣାର ସମ୍ମୁଖୀନ ହେବାକୁ ପଡ଼ିଥାଏ ଏବଂ ଦୁର୍ଗମ ପଥ ଦେଇ ଅତିକ୍ରମ କରିବାକୁ ପଡ଼ିଥାଏ । ତେଣୁ ଅପଣଙ୍କର ସୌଜନ୍ୟତା ଓ ସୌଭାଗ୍ୟତାକୁ ଦେଖି ଆମେ ଗର୍ବିତ । ବୃକ୍ଷ ନିଜ ଫଳ ଦ୍ୱାରା ଚିହ୍ନିତ ହୋଇଥାଏ । ଆପଣମାନେ ମଧ୍ୟ ହଜ଼ରତ ମସିହ୍ ମଉଦ୍ ଅ.ସଙ୍କ ବୃକ୍ଷର ଗୋଟିଏ ଗୋଟିଏ ସବୁଜିମା ଶାଖାପ୍ରଶାଖା ଓ ସୁମିଷ୍ଟ ଫଳ ଅଟନ୍ତି, ଅଲ୍ଲାଃତାଲା ଆପଣମାନଙ୍କୁ କେବେହେଲେ ଅବକ୍ଷୟ ହେବାକୁ ଦେବେ ନାହିଁ । ଅଲ୍ଲାଃତାଲା ନିଜର ଈଶ୍ୱରଦୂତଙ୍କ ସାହାଯ୍ୟରେ ତୁମମାନଙ୍କୁ ସାହାଯ୍ୟ କରିବେ ଏବଂ ଶତ୍ରୁଙ୍କ କବଳରୁ ମୁକ୍ତି ପ୍ରଦାନ କରିବେ । ଅଲ୍ଲାଃତାଲା ଆପଣଙ୍କ ସାଥିରେ ଥାଆନ୍ତୁ । ଆମିନ୍ ।

ହୁଜ଼ୁର ଅନୱର ଅ.ବ କହିଲେ ଅଲ୍ଲାଃତାଲା ପରକାଳରେ ମଧ୍ୟ ତାଙ୍କ ପ୍ରତି ଦୟା ତଥା ପ୍ରେମପୂର୍ଣ୍ଣ ବ୍ୟବହାର ପ୍ରଦର୍ଶନ କରନ୍ତୁ ଏବଂ ନିଜ ପ୍ରିୟଜନଙ୍କ ପାଦତଳେ ଆସୀନ କରନ୍ତୁ । ମୁଁ ତାଙ୍କୁ ପିଲାବେଳୁ ଚିହ୍ନିଛି । ସେ ସେତେବେଳେ ମଧ୍ୟ ଆମମାନଙ୍କ ପ୍ରତି ଆନ୍ତରିକତା ତଥା ସ୍ନେହପୂର୍ଣ୍ଣ ବ୍ୟବହାର ପ୍ରଦର୍ଶନ କରୁଥିଲେ ଏବଂ ମୋର ଖଲିଫା ରୂପେ ନିର୍ବାଚିତ ହେବା ପରେ ମଧ୍ୟ ତାଙ୍କର ମୋ ପ୍ରତି ଏହି ସୌଜନ୍ୟତା ଓ ଆନ୍ତରକିତାମୂଳକ ବ୍ୟବହାର ଆହୁରି ପ୍ରଗାଢ ହୋଇଯାଇଥିଲା । ଅଲ୍ଲାଃତାଲା ସର୍ବଦା ତାଙ୍କର ପିଲାମାନଙ୍କୁ ମଧ୍ୟ ବିଶ୍ୱସ୍ତତାର ସହ ନିଜର ପିତାଙ୍କ ପଦାଙ୍କ ଅନୁସରଣ କରିବାକୁ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଆମିନ୍।

ପରିଶେଷରେ ହୁଜ଼ୁର ଅନୱର ଅ.ବ କହିଲେ: ମୁଁ ପୁନର୍ବାର ଆଜିକାଲିର ସେହି ସଂକ୍ରାମକ ଜୀବଣୁ ଜନିତ ରୋଗ ସମ୍ବନ୍ଧରେ ଏହା ମଧ୍ୟ କହି ରଖୁଛି କି ଯେଉଁ କେତେକ ଅହମଦି ରୋଗୀମାନେ ରହିଛନ୍ତି ତାଙ୍କ ପାଇଁ ଅଲ୍ଲାଃତାଲାଙ୍କ ନିକଟରେ ଦୁଆ କରନ୍ତୁ କି ଅଲ୍ଲାଃତାଲା ତାଙ୍କୁ ଏହି ପ୍ରାଣଘାତି କରୋନା ରୋଗ ଠାରୁ ଯଥାଶୀଘ୍ର ଆରୋଗ୍ୟ ପ୍ରଦାନ କରନ୍ତୁ ଓ ଆମମାନଙ୍କୁ ମଧ୍ୟ ପ୍ରସନ୍ନତା ଓ ସତ୍‌ମାର୍ଗରେ ପରିଚାଳିତ ହେବା ପାଇଁ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଆମମାନଙ୍କୁ ସଠିକ୍ ରୂପେ ଭକ୍ତ ତଥା ଈଶ୍ୱରଙ୍କ କର୍ତ୍ତବ୍ୟ ସଂପାଦନ କରିବାକୁ ସାମର୍ଥ୍ୟ ପ୍ରଦାନ କରନ୍ତୁ ଏବଂ ଏହି ବିପତ୍ତିକୁ ଯଥାଶୀଘ୍ର ଆମ ଠାରୁ ଦୂରୀଭୂତ କରନ୍ତୁ । ଏଥି ସହ ସଂସାରବାସୀଙ୍କୁ ମଧ୍ୟ ସଦ୍‌ବୁଦ୍ଧି ଦିଅନ୍ତୁ କି ସେମାନେ ମଧ୍ୟ ସେହି ଈଶ୍ୱରଙ୍କୁ ଚିହ୍ନନ୍ତୁ, ଭଗବାନଙ୍କର ଉପାସନାକାରୀ ହୁଅନ୍ତୁ, ଏକେଶ୍ୱରବାଦକୁ ଜାଣିବାକୁ ସମର୍ଥ ହୁଅନ୍ତୁ । ଅଲ୍ଲାଃତାଲା ସମସ୍ତଙ୍କ ଉପରେ ଦୟାବତୀର୍ଣ୍ଣ କରନ୍ତୁ । ଏତିକି ହିଁ ଅଲ୍ଲାଃତାଲାଙ୍କ ନିକଟରେ କାମନା ।

....................................

KHULASA KHUTBA JUMA HUZOOR ANWAR a.b.a

17th April 2020

..........................